# NATIONAL NEWS BULLETIN (ODIA)

25 June- 2025

Mid Bulletin : 1.50 p.m.

## ମୁଖ୍ୟ ସମ୍ବାଦ

- ଏକ୍ସିଓମ୍ ଫୋର୍ ମିଶନ ମହାକାଶ ଯାନ ମହାକାଶ କେନ୍ଦ୍ରକୁ ଉତ୍କ୍ଷେପଣ

– ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲାଙ୍କୁ ରାଷ୍ଟ୍ରପତିଙ୍କ ସମେତ ଦେଶର କୋଣଅନୁକୋଣରୁ ମିଳିବାରେ ଲାଗିଛି ଶୁଭେଚ୍ଛା

- ସମଗ୍ର ଦେଶରେ ଆଜି ପାଳନ କରାଯାଉଛି ସମ୍ବିଧାନ ହତ୍ୟା ଦିବସ
- ଚୀନ୍‌ର କ୍ୱିଙ୍ଗଦାଓଠାରେ ଆଜିଠାରୁ ଆରମ୍ଭ ହେଲା ଏସ୍‌ସିଓ ସଦସ୍ୟ ରାଷ୍ଟ୍ରଙ୍କର ପ୍ରତିରକ୍ଷା ମନ୍ତ୍ରୀସ୍ତରୀୟ ବୈଠକ
- ଆକାଶମାର୍ଗରୁ ଇସ୍ରାଏଲ୍‌ର ଆକ୍ରମଣରେ ଗାଜା ଷ୍ଟ୍ରିପ୍‌ରେ ଅତିକମ୍‌ରେ ୭୦ଜଣଙ୍କର ମୃତ୍ୟୁ ।

ଏବଂ

- କୈଳାସ ମାନସରୋବର ଯାତ୍ରାର ଦ୍ୱିତୀୟ ବ୍ୟାଚ୍‌ରେ ଆଜି ୪୭ଜଣ ହୋଇଛନ୍ତି ସାମିଲ

## ଏକ୍ସିଓମ୍ ଫୋର୍

ଏକ୍ସିଓମ୍ ଫୋର୍ ମିଶନ୍ ମହାକାଶ ଯାନ ଆଜି ଭାରତୀୟ ସମୟ ଅପରାହ୍ଣ ୧୨ଟା ୧ ମିନିଟ୍‌ରେ ଆମେରିକାର ଫ୍ଲୋରିଡ଼ା ସ୍ଥିତ କେନେଡି

ମହାକାଶ କେନ୍ଦ୍ରରୁ ଉତ୍କ୍ଷେପଣ କରାଯାଇଛି । ଏହି ଅବସରରେ ଗ୍ରୁପ୍ କ୍ୟାପ୍ଟେନ୍ ଶୁଭ୍ରାଂଶୁ ଶୁକ୍ଲା ମହାକାଶରୁ ଏକ ବାର୍ତ୍ତା ଦେଇ କହିଛନ୍ତି, ଏହା ଏକ ଆଶ୍ଚର୍ଯ୍ୟଜନକ ଯାତ୍ରା । ସେ ଆହୁରି କହିଛନ୍ତି, ସେମାନେ ୪୧ ବର୍ଷ ପରେ ପୁଣିଥରେ ମହାକାଶକୁ ଫେରିଆସିଛନ୍ତି ଓ ପ୍ରତି ସେକେଣ୍ଡ୍‌ରେ ୭ ଦଶମିକ ୫ କିଲୋମିଟର ବେଗରେ ପୃଥିବୀ ଚାରିପଟରେ ଘୂରିବୁଲୁଛନ୍ତି ।

ଶୁକ୍ଲା କହିଛନ୍ତି, ତ୍ରିରଙ୍ଗାକୁ ଗର୍ବର ସହିତ ସେ କାନ୍ଧରେ ରଖିଛନ୍ତି ଏବଂ ପ୍ରତ୍ୟେକ ଭାରତୀୟଙ୍କ ଉପସ୍ଥିତି ଅନୁଭବ କରୁଛନ୍ତି । ଏହି ମିଶନ କେବଳ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯାତ୍ରା ନୁହେଁ, ଏହା ଭାରତର ମାନବ ମହାକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ । ଦେଶବାସୀଙ୍କୁ ଏହାର ଅଂଶ ହେବାକୁ ସେ ନିମନ୍ତ୍ରଣ କରିଥିବା କହିଛନ୍ତି । ଆପଣମାନଙ୍କ ହୃଦୟ ଗର୍ବରେ ଫୁଲିଉଠୁ । ଆସନ୍ତୁ,  ଏକାଠି ଏହି ବିଶାଳ ଲକ୍ଷ୍ୟକୁ ଆଗକୁ ନେବା । ଏଥିସହିତ ସେ ଜୟହିନ୍ଦ୍ ଓ ଜୟ ଭାରତ ବୋଲି ସ୍ଲୋଗାନ୍ ଦେଇଛନ୍ତି ।

ଶୁଭ୍ରାଂଶୁଙ୍କ ପିତା ଶମ୍ଭୁଦୟାଲ ଶୁକ୍ଲା ତାଙ୍କ ପୁଅଙ୍କ ସଫଳତାରେ ଖୁସି ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ଶୁଭ୍ରାଂଶୁଙ୍କ ତ୍ୟାଗ ଓ କଠିନ ପରିଶ୍ରମ ଆଜି ତାଙ୍କୁ ସଫଳତାର ଶୀର୍ଷରେ ନେଇ ପହଞ୍ଚାଇଛି :

**V/O (Shubhransu Father)**

ତେବେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଇସ୍ରୋ ଏ ସମ୍ପର୍କରେ ସୂଚନା ଦେଇ କହିଛି, ଉତ୍କ୍ଷେପିତ ହେବାର ୨୮ ଘଣ୍ଟା ପରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର- ଆଇ.ଏସ୍.ଏସ୍. ସହିତ ଏକ୍ସିଓମ୍ ଫୋର୍ ମିଶନ୍ ମିଳିତ ହେବ । ପ୍ରଥମେ ଗତ ମେ ମାସ ୨୯ ତାରିଖରେ ଉତ୍କ୍ଷେପଣ ପାଇଁ ସମୟ ସ୍ଥିର ହୋଇଥିଲେ ମଧ୍ୟ ପାଣିପାଗ ଏବଂ ଯାନ୍ତ୍ରିକ ସମସ୍ୟା ଯୋଗୁଁ

ଏହା ସମ୍ଭବ ହୋଇପାରି ନ ଥିଲା । ଏହି ଐତିହାସିକ ମିଶନ୍‌ରେ ଭାରତର ଶୁଭ୍ରାଂଶୁ ଶୁକ୍ଲାଙ୍କ ସମେତ ପୋଲାଣ୍ଡର ସ୍ଲାଓସ୍ ଉଜ୍‌ନାନ୍‌ସ୍କି, ହଙ୍ଗେରୀର ଟିବୋର କାପୁ ଏବଂ ଆମେରିକାର  ପେଗି ହ୍ୱିଟସନ୍ ମହାକାଶକୁ ଯାତ୍ରା କରିଛନ୍ତି । ଏହି ମହାକାଶଚାରୀମାନେ ମହାକାଶ କେନ୍ଦ୍ରରେ ଦୁଇ ସପ୍ତାହ ରହଣୀ ମଧ୍ୟରେ ବିଭିନ୍ନ ଗବେଷଣାରେ ସଂଶ୍ଲିଷ୍ଟ ହେବେ । ମାଇକ୍ରୋ ଗ୍ରାଭିଟି, ପ୍ରଯୁକ୍ତିବିଦ୍ୟା ଏବଂ ପ୍ରସାର ଆଦି ବିଭିନ୍ନ କ୍ଷେତ୍ରରେ ସେମାନେ ଗବେଷଣା କରିବେ । ୩୧ଟି ଦେଶର ପ୍ରାୟ ୬୦ଟି ବୈଜ୍ଞାନିକ ଅଧ୍ୟୟନରେ ସେମାନେ ଅନ୍ତର୍ଭୁକ୍ତ ହେବାର ଜଣାପଡ଼ିଛି । ଏକ୍ସିଓମ୍ ଫୋର୍ ମିଶନ୍ ନାଶା, ଇସ୍ରୋ ଏବଂ ଅନ୍ୟାନ୍ୟ ଅନ୍ତର୍ଜାତୀୟ ସଂସ୍ଥା ମଧ୍ୟରେ ସହଯୋଗକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।

## ପ୍ରେଜ୍-ଶୁଭ୍ରାଂଶୁ

ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ମହାକାଶ ଯାତ୍ରା ଏକ ନୂତନ ମାଇଲ୍‌ଖୁଣ୍ଟ ସୃଷ୍ଟି କରିଥିବାରୁ ସମଗ୍ର ଦେଶ ତାଙ୍କ ପାଇଁ ଗର୍ବିତ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି କହିଛନ୍ତି, ଶୁଭ୍ରାଂଶୁ ଓ ତାଙ୍କ ଟିମ୍ ଏକ୍ସିଓମ୍ ଫୋର୍ ମିଶନରେ ଯାତ୍ରା କରିବା ପ୍ରମାଣ କରୁଛି ଯେ ବିଶ୍ୱ ଗୋଟିଏ ପରିବାର-ବସୁଧୈବ କୁଟୁମ୍ବକମ୍ । ଏହି ମିଶନର ସଫଳତା ପାଇଁ ସେ ଶୁଭକାମନା ଜଣାଇବା ସହିତ ନାସା ଓ ଇସ୍ରୋ ମଧ୍ୟରେ ସ୍ଥାୟୀ ସହଭାଗିତାର ଏହା ପ୍ରତିଫଳନ କରୁଛି ବୋଲି ସେ କହିଛନ୍ତି ।

## ଜିତେନ୍ଦ୍ର ସିଂ-ଶୁଭ୍ରାଂଶୁ

କେନ୍ଦ୍ର ମହାକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭ୍ରାଂଶୁ ଶୁକ୍ଲାଙ୍କୁ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଏକ୍ସିଓମ୍ ଫୋର୍ ମିଶନରେ ଯାତ୍ରା କରିବା

ପାଇଁ ଅଭିନନ୍ଦନ ଜଣାଇଛନ୍ତି । ସୋସିଆଲ୍ ମିଡ଼ିଆ ପୋଷ୍ଟରେ ଡକ୍ଟର ସିଂ କହିଛନ୍ତି, ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭ୍ରାଂଶୁ ଶୁକ୍ଳା ପ୍ରଥମ ଭାରତୀୟ ମହାକାଶଚାରୀ, ଯିଏ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯାତ୍ରା କରିଛନ୍ତି । ସେ କହିଛନ୍ତି, ଏହା ଭାରତ ପାଇଁ ବାସ୍ତବରେ ଗର୍ବର ମୁହୂର୍ତ୍ତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ସଂସ୍କାର ପରେ ଭାରତୀୟ ମହାକାଶ ଗବେଷଣା ସଂଗଠନ-ଇସ୍ରୋର ବଢୁଥିବା ବିଶ୍ୱସ୍ତରୀୟ ସହଯୋଗ ଭାରତକୁ ମହାକାଶ ଅନୁସନ୍ଧାନରେ ଏକ ଅଗ୍ରଣୀ ରାଷ୍ଟ୍ରରେ ସ୍ଥାନିତ କରିଛି ବୋଲି ଡକ୍ଟର ସିଂ କହିଛନ୍ତି ।

## ସମ୍ବିଧାନ ହତ୍ୟା ଦିବସ

ସମଗ୍ର ଦେଶରେ ଆଜି ସମ୍ବିଧାନ ହତ୍ୟା ଦିବସ ପାଳନ କରାଯାଉଛି । ୧୯୭୫ ମସିହା ଜୁନ୍ ୨୫ ତାରିଖରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହେବା ଦ୍ୱାରା ସୃଷ୍ଟ ପରିସ୍ଥିତିକୁ ଏହା ସ୍ମରଣ କରାଉଛି । ଏହି ସମୟରେ ପ୍ରତ୍ୟେକ ପୀଡ଼ିତ ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଲକ୍ଷ୍ୟ ନେଇ ଆଜି ଏହି ଦିବସ ପାଳନ କରାଯାଉଛି ।

## ନଡ୍ଡା-ଏମର୍ଜେନ୍ସୀ

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା କହିଛନ୍ତି, କଂଗ୍ରେସ ୫୦ବର୍ଷ ପୂର୍ବେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିବା ପଛରେ ଯେଉଁ ଏକଛତ୍ରବାଦ ମାନସିକତା ରହିଥିଲା, ତାହା ଏବେ ମଧ୍ୟ ବଳବତ୍ତର ରହିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି, କଂଗ୍ରେସ ଶାସିତ ରାଜ୍ୟଗୁଡ଼ିକରେ ଆଇନଶୃଙ୍ଖଳା ପରିସ୍ଥିତି ଜରୁରୀକାଳୀନ ପରିସ୍ଥିତି ବେଳେ ଯାହା ରହିଥିଲା, ତାହା ରହିଛି । ଭିନ୍ନମତକୁ ଦମନ କରିବା,

ଧାର୍ମିକ ତୁଷ୍ଟିକରଣ, କ୍ଷମତାର ଅହଂକାର କଂଗ୍ରେସକୁ ଜାବୁଡ଼ି ଧରିଛି ବୋଲି ଶ୍ରୀ ନଡ୍ଡା କହିଛନ୍ତି :

**V/O (Nadda)**

---

## ରାଜନାଥ-ଏମର୍ଜେନ୍ସୀ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ୫୦ ବର୍ଷ ପୂର୍ବେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରାଯାଇ ଗଣତନ୍ତ୍ରର କଣ୍ଠରୋଧ କରାଯିବା ଏକ ଘୃଣ୍ୟ ପ୍ରୟାସ ଥିଲା । ଆଜି ସମ୍ବିଧାନ ହତ୍ୟା ଦିବସ ଅବସରରେ ଶ୍ରୀ ସିଂ ଏକ ସୋସିଆଲ୍ ମିଡ଼ିଆ ପୋଷ୍ଟରେ କହିଛନ୍ତି, ଲୋକମାନେ ଏବେ ମଧ୍ୟ ଭାରତୀୟ ଗଣତନ୍ତ୍ରର ସବୁଠାରୁ କଳା ଅଧ୍ୟାୟ ଭାବରେ ଜରୁରୀକାଳୀନ ପରିସ୍ଥିତିକୁ ମନେ ରଖିଛନ୍ତି । ସେ କହିଛନ୍ତି, ଦେଶ ଉପରେ ଯେଉଁଭଳି ଜରୁରୀକାଳୀନ ପରିସ୍ଥିତି ଲାଗୁ କରାଯାଇଥିଲା, ତାହା କ୍ଷମତାର ଅପବ୍ୟବହାର ଓ ଏକଛାତ୍ରବାଦର ଏକ ଜ୍ୱଳନ୍ତ ଉଦାହରଣ । ସେ ପୁଣି କହିଛନ୍ତି, ସେହି ସମୟ ମଧ୍ୟରେ ସମସ୍ତ ବିରୋଧୀ ନେତାଙ୍କୁ ଜେଲ୍‌ରେ ବନ୍ଦୀ କରାଯାଇଥିଲା ଏବଂ ଏପରି କୌଣସି ସାମ୍ବିଧାନିକ ସଂସ୍ଥା ବାକି ନଥିଲେ, ଯାହାର ଅପବ୍ୟବହାର ହୋଇନଥିଲା । ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିବା ପରେ ମଧ୍ୟ ତତ୍କାଳୀନ ସରକାର ଦେଶର ଗଣତାନ୍ତ୍ରିକ ପରମ୍ପରାକୁ ବଜାୟ ରଖିବାରେ ସଫଳ ହୋଇ ନ ଥିଲେ । ସେ କହିଛନ୍ତି, ସେହି ସମୟରେ ସଂଘର୍ଷ କରିଥିବା ଓ କଷ୍ଟ ସହିଥିବା ଲୋକମାନଙ୍କର ଭାରତର ଗଣତନ୍ତ୍ରକୁ ବଞ୍ଚାଇ ରଖିବାରେ ପ୍ରମୁଖ ଅବଦାନ ରହିଥିଲା । ଶ୍ରୀ ସିଂ କହିଛନ୍ତି, ଦେଶର ଭବିଷ୍ୟତ ପିଢ଼ି ସେମାନଙ୍କର ଅବଦାନକୁ କେବେ ବି ଭୁଲିବେ ନାହିଁ ।

---

# ରାଜନାଥ-ଏସ୍‌ସିଓ ମିଟିଂ

ଚୀନ୍‌ର କ୍ୱିଙ୍ଗ୍‌ଦାଓ ଠାରେ ଆଜିଠାରୁ ସାଂଘାଇ ସହଯୋଗ ସଂଗଠନ-ଏସ୍.ସି.ଓ. ସଦସ୍ୟ ରାଷ୍ଟ୍ରଙ୍କର ପ୍ରତିରକ୍ଷା ମନ୍ତ୍ରୀ ସ୍ତରୀୟ ବୈଠକ ଅନୁଷ୍ଠିତ ହେଉଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଭାରତୀୟ ପ୍ରତିନିଧି ମଣ୍ଡଳର ନେତୃତ୍ୱ ନେଉଛନ୍ତି । ଏହି ଦୁଇଦିନିଆ ବୈଠକ ଅବସରରେ ଆଞ୍ଚଳିକ ଓ ଆନ୍ତର୍ଜାତିକ ସୁରକ୍ଷା, ଆତଙ୍କବାଦ ନିରୋଧୀ ପଦକ୍ଷେପ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟଗୁଡ଼ିକ ମଧ୍ୟରେ ସହଯୋଗ ବୃଦ୍ଧି ନେଇ ସଦସ୍ୟ ରାଷ୍ଟ୍ର ଗୁଡ଼ିକର ପ୍ରତିନିଧି ମଣ୍ଡଳୀ ମତ ବିନିମୟ କରୁଛନ୍ତି ।

ଅନ୍ତର୍ଜାତୀୟ ଶାନ୍ତି ଏବଂ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଭାରତର ଦୃଷ୍ଟିକୋଣ ଉପରେ ପ୍ରତିରକ୍ଷାମନ୍ତ୍ରୀ ଆଲୋକପାତ କରିବେ । ବୈଠକ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ' ଚୀନ୍ ଏବଂ ରୁଷ ସମେତ ବିଭିନ୍ନ ଅଂଶଗ୍ରହଣକାରୀ ରାଷ୍ଟ୍ରର ପ୍ରତିପକ୍ଷଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନା ବୈଠକ କରିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

୨୦୦୧ ମସିହାରେ ସାଂଘାଇ ସହଯୋଗ ସଂଗଠନ ଗଠନ କରାଯାଇଥିଲା । ୨୦୧୭ରେ ଭାରତ ଏହାର ପୂର୍ଣ୍ଣାଙ୍ଗ ସଦସ୍ୟ ହୋଇଥିଲା । ଅନ୍ୟ ରାଷ୍ଟ୍ର ଗୁଡ଼ିକ ମଧ୍ୟରେ କାଜାଖାସ୍ତାନ, ଚୀନ୍, କିର୍‌ଗିଜ୍‌ସ୍ତାନ, ପାକିସ୍ତାନ, ରୁଷ, ତାଜିକିସ୍ତାନ, ଉଜ୍‌ବେକିସ୍ତାନ, ଇରାନ୍ ଏବଂ ବେଲାରୁଷ ଏହି ସଂଗଠନର ସଦସ୍ୟ ଅଛନ୍ତି । ଚୀନ୍ ଅଧ୍ୟକ୍ଷତାରେ ଚଳିତବର୍ଷ ଅନୁଷ୍ଠିତ ହେଉଥିବା ଏହି ବୈଠକରେ ବିଷୟବସ୍ତୁ ରହିଛି – "ସାଂଘାଇ ଆତ୍ମାକୁ ବଜାୟ ରଖିବା ଏବଂ ଏସ୍.ସି.ଓ.କୁ ଗତିଶୀଳ କରିବା" ।

# ମାନସରୋବର ଯାତ୍ରା

କୈଳାସ ମାନସରୋବର ଯାତ୍ରା ୨୦୨୫ର ଦ୍ୱିତୀୟ ବ୍ୟାଚ୍‌ରେ ୪୭ ଜଣ ଯାତ୍ରୀ ସାମିଲ ହୋଇଛନ୍ତି । ଆଜି ସକାଳ ୮ଟା ୨୦ରୁ ୮ଟା ୪୫ ମଧ୍ୟରେ ଯାତ୍ରୀମାନେ ସଫଳତାର ସହ ନାଥୁଲା ସୀମା ଅତିକ୍ରମ କରିଛନ୍ତି । ସମସ୍ତ ଯାତ୍ରୀ ସେମାନଙ୍କର ଆଗାମୀ ଦିବ୍ୟ ଯାତ୍ରା ଆରମ୍ଭ କରିବା ସମୟରେ ଉତ୍ସାହିତ ଥିବା ଦେଖିବାକୁ ମିଳିଛି । ଯାତ୍ରୀମାନେ ଗ୍ୟାଙ୍ଗଟକ ଏବଂ ପରିବେଶ ଅନୁକୂଳ କେନ୍ଦ୍ରରେ ରହଣି ସମୟରେ ସେମାନଙ୍କୁ  ସିକିମ୍ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାରର ସୁବିଧା ଓ ଆତିଥ୍ୟ ପ୍ରଦାନ କରାଯାଉଛି ।

---

# ଗାଜା

ଆକାଶମାର୍ଗରୁ ଇସ୍ରାଏଲ୍‌ର ଆକ୍ରମଣରେ ଗାଜା ଷ୍ଟ୍ରିପ୍‌ରେ ଅତିକମ୍‌ରେ ୭୦ ଜଣ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି ।  ସେମାନଙ୍କ ମଧ୍ୟରୁ ଅନେକ ମାନବୀୟ ସହାୟତା ଅପେକ୍ଷାରେ ଥିବା ବେଳେ ପ୍ରାଣ ହରାଇଛନ୍ତି । ଗଣମାଧ୍ୟମକୁ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି, ଦକ୍ଷିଣ ଗାଜା ଷ୍ଟ୍ରିପ୍‌ର ରାଫା ଉତ୍ତରରେ ଥିବା ଶାକାଉସ୍ ଅଞ୍ଚଳରେ ଏକ ଆମେରିକୀୟ ସହାୟତା ବଣ୍ଟନ କେନ୍ଦ୍ର ନିକଟରେ ଏକତ୍ରିତ ହୋଇଥିବା ପାଲେଷ୍ଟିନୀୟଙ୍କ ଭିଡ଼ ଉପରେ ଇସ୍ରାଏଲ୍ ଗୁଳିଗୋଳା ବର୍ଷଣ କରିଥିଲା । ଗାଜାର ସ୍ୱାସ୍ଥ୍ୟକର୍ତ୍ତୃପକ୍ଷଙ୍କ ଏକ ଡାକ୍ତରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଶାକାଉସ୍‌ରେ ଏହି ଘଟଣାରେ ଅତିକମ୍‌ରେ ୨୫ ଜଣଙ୍କର ମୃତ୍ୟୁ ଘଟିଛି ଓ ଅନେକେ ଆହତ ହୋଇଛନ୍ତି ।

ଅନ୍ୟ ଏକ ଘଟଣାରେ କେନ୍ଦ୍ରୀୟ ଗାଜାଷ୍ଟ୍ରିପ୍‌ର ନୁସେରାତ୍‌ରେ ଥିବା ଅଲ୍-ଆୱାଦା ହସ୍ପିଟାଲ ପକ୍ଷରୁ କୁହାଯାଇଛି ଯେ ଇସ୍ରାଏଲ୍ ସେନା ୱାଦି ଗାଜାର

ଦକ୍ଷିଣରେ ଥିବା ସଲାହ ଅଲ୍‌ଦିନ୍ ଷ୍ଟ୍ରିଟ୍‌ରେ ସାହାଯ୍ୟ ପାଇଁ ଅପେକ୍ଷାରତ ପାଲେଷ୍ଟାନୀୟଙ୍କୁ ଟାର୍ଗେଟ କରିବା ପରେ ଏଥିରେ ୧୯ ଜଣଙ୍କର ମୃତ୍ୟୁ ଘଟିଛି ଓ ୧୪୬ ଜଣ ଆହତ ହୋଇଛନ୍ତି ।